# ତହସିଲଦାରଙ୍କ କାର୍ଯ୍ୟାଳୟ,ରାଇରଙ୍ଗପୁର,ମୟୁରଭଞ୍ଜ

ହସ୍ତାନ୍ତରଣ ମାମଲା ସଂଖ୍ୟା- ୦୧/୨୦୨୫

ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ତଫସିଲଭୁକ୍ତ ସରକାରୀ ଜମିକୁ ରକ୍ଷିତ ଖାତାରୁ ଆବାଦ ଯୋଗ୍ୟ ଅନାବାଦୀ ଖାତା ଏବଂ କିସମ ଗୋଚର ରୁ ପତିତକୁ ପରିବର୍ତ୍ତନ କରାଯାଇଅଛି ଏବଂ ଏହାକୁ **Archery Academy** ନିର୍ମାଣ ନିମନ୍ତେ କ୍ରିଡା ଓ ଯୁବ ସେବା ବିଭାଗ ଓଡ଼ିଶା ସରକାରଙ୍କୁ କୁ ହସ୍ତାନ୍ତର ନିମନ୍ତେ ସ୍ଥିରିକୃତ ହୋଇଅଛି ।ଏଥିରେ ଯଦି କାହାର କିଛି ଆପତ୍ତି ଅଭିଯୋଗ ଥାଏ ତେବେ ଏହି ଇସ୍ତାହାର ଜାରି ହେବାର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଲିଖିତ ଆକାରରେ ଆପତ୍ତି ଅଭିଯୋଗ ଦରଖାସ୍ତ ଦାଖଲ କରିପାରିବେ | ଧାର୍ଯ୍ୟ ସମୟ ପରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ନିୟମାନୁଯାୟୀ କାର୍ଯ୍ୟ ସଂପାଦନ କରାଯିବ |

ତଫସିଲ

| ମୌଜା / ଥାନା / ଜିଲ୍ଲା | ଖାତା ନଂ | ପ୍ଲଟ ନଂ | ପରିବର୍ତ୍ତିତ କିସମ | ପ୍ରସ୍ତାବିତ ରକବା |
|---|---|---|---|---|
| ପାତେପାଣି /ରାଇରଙ୍ଗପୁର / ମୟୂରଭଞ୍ଜ | ୯୮ /୧ | ୩୭୮/୧୪୧୫ | ପତିତ | ଏ. ୧୦.୦୦ |

ତହସିଲଦାର, ରାଇରଙ୍ଗପୁର
Tahasildar
Rairangpur

ପ୍ରୋସେସ୍ ସଂଖ୍ୟା.......୪୨୦.......//ତା.୨୧/୦୧/୨୦୨୫..ରିଖ//

ଏହାର ଏକକିତା ନକଲ ପତେପାଣି ମୌଜାର ଏକ ପ୍ରକାଶ୍ୟ ସ୍ଥାନରେ ଡାକବାଜି ଯନ୍ତ୍ର ଦ୍ୱାରା ଘୋଷଣା ଜାରି କରିବାପାଇଁ ଦିଆଗଲା |

ଏହାର ଏକକିତା ନକଲ, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ପୁରୁଣାପାଣି / ତହସିଲ କାର୍ଯ୍ୟାଳୟ, ରାଇରଙ୍ଗପୁର ତଥା ରାଜସ୍ୱ ନିରୀକ୍ଷକ, ରାଇରଙ୍ଗପୁର ( ଗ୍ରାମାଞ୍ଚଳ ) ଙ୍କ ନୋଟିସ ଫଳକରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଦିଆଗଲା ଏବଂ ଜିଲ୍ଲା ୱେବ ପର୍ଟାଲ ମାଧ୍ୟମରେ ଅନଲାଇନ ପ୍ରଦର୍ଶିତ କରିବାପାଇଁ ପ୍ରେରଣ କରାଗଲା।

ତହସିଲଦାର, ରାଇରଙ୍ଗପୁର
Tahasildar
Rairangpur